
ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php



# ଓଡ଼ିଆ ଜାତିର ପ୍ରାଣ ପ୍ରତିମା : ଶ୍ରୀଜଗନ୍ନାଥ

**ପ୍ରିୟବ୍ରତ ସାହୁ**
ଶ୍ରୀଜଗନ୍ନାଥ ସଂସ୍କୃତି
E-mail ID: sahoopriyabrataps@gmail.com

*ସାରାଂଶ: ଓଡ଼ିଶାର ପରମ ଆରାଧ୍ୟ ଦେବତା ଜଗତର ନାଥ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଧର୍ମଧାରାରେ ସୀମିତ ନରହି ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ପ୍ରଥା, ପରମ୍ପରା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ସମଗ୍ର ମାନବ ସମାଜର କଲ୍ୟାଣ କାମନା କରିଥାଏ । ଏହି ସମନ୍ୱୟବାଦୀ ଉଦାର ଦେବତାଙ୍କ ଲୀଳା କ୍ଷେତ୍ର ହେଉଛି ଓଡ଼ିଶା । ଓଡ଼ିଶାର ଚିନ୍ତା, ଚେତନା, ଧର୍ମ, ଦର୍ଶନ, କଳା, ସାହିତ୍ୟ, ସଂସ୍କୃତି, ଲୋକ ଜୀବନ ପରମ୍ପରା, ଇତିହାସ, ରାଜନୀତି, ଲୋକବିଶ୍ୱାସ ଓ ଗୌରବର ପ୍ରତୀକ ହେଉଛି ଜଗନ୍ନାଥ ସଂସ୍କୃତି । ଏହି ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଓ ପରିଚୟ । ଓଡ଼ିଆ ଲୋକ ଜୀବନ ସହିତ ଜଡ଼ିତ ଜଗନ୍ନାଥଙ୍କର ଦୈନନ୍ଦିନ ରୀତିନୀତି ଓ ପରମ୍ପରା ବିଶ୍ୱ ଦରବାରରେ ଯେଉଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ତାହାକୁ ଏଠାରେ ଆଲୋଚନାର ପରିସରଭୁକ୍ତ କରାଯାଇଛି ।*

*ମୂଳଶବ୍ଦ: ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଆ ଲୋକ ଜୀବନ ପରମ୍ପରା, ସମନ୍ୱୟବାଦୀ ଦେବତା, ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଓଡ଼ିଆ ସାହିତ୍ୟ ।*

## ଉପକ୍ରମ

ସନାତନ ଧର୍ମ ଚେତନାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ହେଉଛନ୍ତି ଉତ୍କଳର ଆରାଧ୍ୟ ଦେବତା ଦାରୁବ୍ରହ୍ମ ସ୍ୱୟଂ ଜଗନ୍ନାଥ । ସେ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଚେତନାର କେବଳ ପ୍ରାଣ କେନ୍ଦ୍ର ନୁହେଁ, ବରଂ ଭାରତୀୟ ଧାର୍ମିକ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରି ସାରା ବିଶ୍ୱରେ ପ୍ରଖ୍ୟାତି ଲାଭ କରିଆସିଛନ୍ତି। ଶ୍ରୀଜଗନ୍ନାଥ ବିଶ୍ୱର ପ୍ରତ୍ୟେକ ମଣିଷର ଦେବତା । ଆଦିବାସୀମାନଙ୍କର ସେ ଯେପରି ଶାବରୀ ଜଗନ୍ନାଥ ଭାବରେ ପୂଜିତ, ସେହିପରି ଯବନ, ବ୍ରାହ୍ମଣ, ଚଣ୍ଡାଳ, ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ବୈଷ୍ଣବ, ଓ ଶାକ୍ତମାନଙ୍କର ମଧ୍ୟ ଆରାଧ୍ୟ ଦେବତା ଭାବରେ ମଧ୍ୟ ପୂଜା ପାଇ ଆସୁଛନ୍ତି । ସେ ଗଣର ଦେବତା ଭାବରେ ବିଶ୍ୱର ସବୁ ଧର୍ମ ସଂସ୍କୃତିର ତତ୍ତ୍ୱକୁ ଗ୍ରହଣ କରି ସମଗ୍ର ବିଶ୍ୱବାସୀଙ୍କୁ ଆଲିଙ୍ଗନ କରିବାର ଆବେଗରେ ଆପଣାର ଦୁଇ ବାହୁକୁ ଯେମିତି ପ୍ରସାରିତ ଓ ପରିବର୍ଦ୍ଧିତ କରିଛନ୍ତି ସେମିତି ତାଙ୍କ ପାଖରେ ନ୍ୟୁନତା ନାହିଁ କି ସଂକୀର୍ଣ୍ଣତା ମଧ୍ୟ ନାହିଁ । ଏହି କାରଣରୁ ସେ ମହାନୁଭବ ମହାନ୍ ଦେବତା ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱରେ ବଡ଼ ଠାକୁର ଭାବରେ ପୂଜିତ । ସେ ଏକମାତ୍ର ବଡ଼ ତାହା ନୁହେଁ, ତାଙ୍କର ଦେଉଳ ବଡ଼ ଦେଉଳ, ତାଙ୍କର କ୍ଷେତ୍ରର ଦାଣ୍ଡ ବଡ଼ ଦଣ୍ଡ ତାଙ୍କର ଦୀପ ମହାଦୀପ, ତାଙ୍କର ପଣ୍ଡା ବଡ଼ ପଣ୍ଡା, ତାଙ୍କର ଭୋଗ ମହାପ୍ରସାଦ, ତାଙ୍କ କ୍ଷେତ୍ର ସନ୍ନିକଟ ଉଦଧି ମହୋଦଧି, ତାଙ୍କର ବେଶ ବଡ଼ସିଂହାର ବେଶ, ତାଙ୍କ ପ୍ରାଚୀର ମେଘନାଦ ସର୍ବୋପରି ଏ ସମସ୍ତ ଜଗତ ତାଙ୍କର ବଡ଼ ପରିବାର ଭାବରେ ପରିଚିତ । "ଏହି ଧର୍ମରେ ଶାନ୍ତି, ସହାବସ୍ଥାନ, ସାମ୍ୟ, ମୈତ୍ରୀ, ସଂପ୍ରୀତି, ଐକ୍ୟ ପ୍ରଭୃତି 'ବସୁଧୈବ କୁଟୁମ୍ବକମ୍' ଭାବରେ ପରିପ୍ରକାଶ ଲାଭ କରିଛି ।" (ଶ୍ରୀ ଜଗନ୍ନାଥ ସଂସ୍କୃତି – ପୃଷ୍ଠା -୬୫) ଅର୍ଥାତ୍ ସମଗ୍ର ମାନବ ସମାଜକୁ ଗୋଟିଏ ପରିବାରଭୁକ୍ତ କରିବା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା । ଏହି ସମନ୍ୱୟବାଦୀ ଉଦାର ଦେବତାଙ୍କପାଇଁ ଓଡ଼ିଆ ଜାତି ଆଜି ଗର୍ବିତ । ଓଡ଼ିଶାର ସଭ୍ୟତା, ଧର୍ମ,ସମ୍ପଦ, ଆତ୍ମିକ ବିକାଶ ଓ ଗୌରବର ପ୍ରତୀକ ଓ ପରିଣତି ହେଉଛି ଜଗନ୍ନାଥ ସଂସ୍କୃତି । ତେଣୁ ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମକୁ ହିଁ ବୁଝାଏ ଓ ଓଡ଼ିଶାର ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତି ହିଁ ତାର ପରିଚୟ । ସେ ପ୍ରତ୍ୟେକ ଓଡ଼ିଆଙ୍କର ଶ୍ରେଷ୍ଠ ବିଭବ, ମଉଡ଼ମଣି ଓ ଓଡ଼ିଆ ଜାତିର ଗୌରବର ସ୍ମାରକୀ ।

ଓଡ଼ିଆ ଜାତିର ଚିରନମସ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ଧର୍ମ । ଏବେ ବି ଅନେକ ଲୋକ ଓଡ଼ିଶାକୁ ଜଗନ୍ନାଥ ଦେଶ ନାମରେ ଜାଣନ୍ତି । ଓଡ଼ିଶାର ଜାତୀୟ ଜୀବନ, ସଂସ୍କୃତି, ଧର୍ମ ଧାରଣା, ମୂଲ୍ୟବୋଧ ଓ ବିଶ୍ୱାସ ସହିତ ଶ୍ରୀଜଗନ୍ନାଥ ଏତେ ଦୂର ସଂପୃକ୍ତ ଯେ ତାଙ୍କୁ ବିଚ୍ଛିନ୍ନ କରି ଆମର ସାଂସ୍କୃତିକ ପ୍ରାଣ ପ୍ରବାହ, ଧାର୍ମିକ ବିଚାରଧାରା ତଥା ଜାତୀୟ ଜୀବନକୁ ଆଦୌ ବିଚାର କରିବା ସମ୍ଭବ ନୁହେଁ । ଏ ସଂପର୍କରେ ଡ଼. ଶୁଭକାନ୍ତ ବେହେରା ତାଙ୍କର 'Construction of an identity Discourse Oriya literature and Jagannath cult' ରେ ଲେଖିଛନ୍ତି –"Lord Jagannath's name is intrinsically liked with Oriya religion and culture with an area of 57,392 square miles were 97 out of every 100 inhabitants are Hindus. Orissa is the candle of Jagannath cult. The close relationship between Orissa and lord Jagannath is proved by the fact that in popular purulence, the Oriya religion is called the Jagannath cult (Dharma), and Oriya culture is the Jagannath culture." (Construction of an identity Discourse Oriya literature and Jagannath cult'- page- 19)

ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଶାର ଓ ଓଡ଼ିଆଙ୍କର ପରିକଳ୍ପନା କରିବା ସର୍ବାଦୌ ଅସମ୍ଭବ। ଜଗନ୍ନାଥଙ୍କ ବିନା ଓଡ଼ିଶାର ଅସ୍ତିତ୍ୱ ନାହିଁ । ଦେହର ଆତ୍ମା ପରି ଶ୍ରୀଜଗନ୍ନାଥହେଉଛନ୍ତି ଓଡ଼ିଶାର ସର୍ବସ୍ୱ । "ଶହ ଶହ ବର୍ଷ ଧରି ଓଡ଼ିଶାର ରାଜାମାନେ ଜଗନ୍ନାଥଙ୍କ ସେବକ ରୂପେ ନିଜକୁ ବିଚାର କରିଆସିଛନ୍ତି । ରାଜା ଅନଙ୍ଗଭୀମ ଦେବ ନିଜକୁ ରାଜା ବୋଲି କହୁ ନଥିଲେ, ସେ କହୁଥିଲେ ଜଗନ୍ନାଥ ରାଜା । ସେ ତାଙ୍କର ରାଉତ ବା ପ୍ରତିନିଧି । ଅନଙ୍ଗଭୀମ ପରେ ଯେତେ ରାଜା ଓଡ଼ିଶାର ରାଜପଣ କରିଛନ୍ତି, ସେମାନେ ସମସ୍ତେ ଜଗନ୍ନାଥଙ୍କ ଠାରେ ନିଜକୁ ସମର୍ପଣ କରି ରାଜ୍ୟଜୟ ବା ରାଜ୍ୟଶାସନ କରିଛନ୍ତି କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ କରି ପ୍ରତାପରୁଦ୍ରଙ୍କ ପର୍ଯ୍ୟନ୍ତ । ପରବର୍ତ୍ତୀ ଯୁଗରେ ସ୍ୱାଧୀନତା ପୂର୍ବରୁ ଯେଉଁ ଦୁଇ ଉତ୍ତୁଙ୍ଗ ବ୍ୟକ୍ତି ଓଡ଼ିଆର ନେତୃତ୍ୱ ନେଇଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସ ଜଗନ୍ନାଥଙ୍କ ପାଖରେ ନିଜକୁ ସମ୍ପୂର୍ଣ ଭାବରେ ସମର୍ପଣ କରିଥିଲେ । ଗୋପବନ୍ଧୁଙ୍କ ଭାଷାରେ -"ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ ।" (ପଟ୍ଟନାୟକ ଜାନକୀ ବଲ୍ଲଭ – ନିର୍ବାଚିତ ପ୍ରବନ୍ଧ ସଂକଳନ, ପୃଷ୍ଠା – ୦୧) ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଅଧୀଶ୍ୱର ହୋଇଥିବା ବେଳେ ତାଙ୍କର ଲୀଳଭୂମି ହେଉଛି ଓଡ଼ିଶା। ଓଡ଼ିଶାରେ କେଉଁ ଅନାଦି କାଳରୁ ଶ୍ରୀଜଗନ୍ନାଥ ଦାରୁ ଦେବତା ଭାବରେ ପୂଜିତ ହୋଇ ଆସୁଛନ୍ତି ତାହାକୁ ଅନେକ ଗ୍ରନ୍ଥ, ପୁରାଣ, କାହାଣୀ, କିମ୍ବଦନ୍ତୀ ଓ ଲୋକକଥାରେ ଭିନ୍ନ ଭିନ୍ନ ଭାବରେ ପରିକଳ୍ପନା କରାଯାଇଛି । ଏପ୍ରସଙ୍ଗରେ ଓଡ଼ିଶାରେ ପ୍ରଚଳିତ ସବୁଠାରୁ ଲୋକପ୍ରିୟ କାହାଣୀ ସାରଳା ଦାସଙ୍କ ସ୍ୱରଚିତ ମହାଭାରତର ମୂଷଳୀ ପର୍ବରେ 'ଜାରା ଶବର' ପ୍ରସଙ୍ଗ ଏବଂ ବନ ପର୍ବରେ 'ନୀଳଗିରି ବୃତ୍ତାନ୍ତ' ବର୍ଣ୍ଣନାରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ଓ ଦାରୁବ୍ରହ୍ମ ପ୍ରତିଷ୍ଠା ସମ୍ବନ୍ଧୀୟ ଅନେକ କଥା ପ୍ରକାଶ କରିଛନ୍ତି । ନବମ ଶତାବ୍ଦୀର ଅବତାରରୂପୀ ମହାନ୍ ଧର୍ମ ପ୍ରଚାରକ ମହାତ୍ମା ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ 'ଜଗନ୍ନାଥ ସ୍ୱାମୀ' ସ୍ତୋତ୍ରରେ ନିଜର କରିନେଲେ ଏବଂ ହିନ୍ଦୁଧର୍ମର ପ୍ରଧାନ ଚାରିଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପୁରୀକୁ ଏକ ଧାମ ଭାବରେ ଗ୍ରହଣ କରି ଏଠାରେ ଗୋବର୍ଦ୍ଧନ ମଠ ପ୍ରତିଷ୍ଠା କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ରାମାନୁଜ ଶ୍ରୀକ୍ଷେତ୍ରକୁ ଆସିଥିଲେ । ସେ ଶ୍ରୀମନ୍ଦିର ସ୍ମୃତିଶାସ୍ତ୍ର ଅନୁସାରେ ପୂଜାବିଧି ପ୍ରଚଳନ କରିବାରେ ସଫଳ ହୋଇଥିଲେ । ତାଙ୍କ ସମୟରେ ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ପୂଜାର ପ୍ରଚଳନ ହୋଇଥିଲା ।ତାଙ୍କ ପରେ ମାଧ୍ୱାଚାର୍ଯ୍ୟ ପୁରୀ ଆସି ସ୍ୱମତବାଦର ପ୍ରଚାର ପ୍ରସାର କରେଇଥିଲେ । ଶଙ୍କରଙ୍କର 'ଅଦ୍ୱୈତ ଦର୍ଶନ', ରାମାନୁଜଙ୍କର 'ବିଶିଷ୍ଟାଦ୍ୱୈତବାଦ' ଓ ମାଧ୍ୱାଙ୍କର 'ଦ୍ୱୈତମତବାଦ' ସମ୍ମିଳନ ଘଟିଥିଲା ଏହି ଶ୍ରୀକ୍ଷେତ୍ରରେ । ସେହିପରି ସୌର ଉପାସକମାନେ ତାଙ୍କୁ ଜଗତଚକ୍ଷୁ ସୂର୍ଯ୍ୟଦେବ ଭାବରେ ପ୍ରଣତି ଜଣାଇଥିଲେ ।" (ପଟ୍ଟନାୟକ, ପ୍ରୀତି- ଓଡ଼ିଆ ସଂସ୍କୃତି ଓ ସାହିତ୍ୟରେ ତା'ର ପ୍ରତିଧ୍ୱନି, ପୃଷ୍ଠା-୧୫୩) ଏହିପରି ମୁସଲମାନ ଭକ୍ତ କବୀର୍, ଯବନ ହରିଦାସ, ଭକ୍ତ ସାଲବେଗ ଗୁରୁ ନାନକ ଆଦି ବହୁ ଭକ୍ତ ତଥା ଧର୍ମାବଲମ୍ବୀମାନେ ଶ୍ରୀକ୍ଷେତ୍ର ଆସି ଅନେକ ଭଜନ, ଜଣାଣ, ଚଉପଦୀ, ଚଉତିଶା, ପୋଇ ପ୍ରଭୃତି ସଙ୍ଗୀତ ଗାନ କରି ଜଗନ୍ନାଥଙ୍କ ମହିମା ପ୍ରକାଶ କରିଛନ୍ତି । ସାରଳା ଦାସଙ୍କ ପରବର୍ତ୍ତୀ କାଳରେ ପଞ୍ଚସଖାର କବିମାନଙ୍କ ସାହିତ୍ୟ ଓ ମଧ୍ୟଯୁଗୀୟ କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, ଗୋପାଳ କୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ,ବ୍ରଜନାଥ ବଡ଼ଜେନା ପ୍ରମୁଖଙ୍କ କାବ୍ୟକବିତାରେ ଜଗନ୍ନାଥ ସଂସ୍କୃତିର ମହନୀୟତା ପ୍ରତିଫଳିତ ହୋଇଛି । କେବଳ କାବ୍ୟ କବିତା ନୁହେଁ, ପରବର୍ତ୍ତୀ କାଳରେ ଗଳ୍ପ, ଉପନ୍ୟାସ,ନାଟକ, ପ୍ରବନ୍ଧ, ସମାଲୋଚନା ଆଦିରେ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ, ଶ୍ରୀ ମନ୍ଦିର ପରମ୍ପରା ଓ ଐତିହ୍ୟ, ଦାରୁ ବିଗ୍ରହଙ୍କ ପୂଜା ବିଧି ନୀତି,ପର୍ବପର୍ବାଣୀ, ବିଭିନ୍ନ ବେଶ ଓ ସେବାୟତ ପରମ୍ପରା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଯାହାକୁ ଏଠାରେ ଆଲୋଚନାର ପରିସରଭୁକ୍ତ କରାନଯାଇ ସାଧାରଣ ଓଡ଼ିଆ ଲୋକର ଦୈନନ୍ଦିନ ସାମାଜିକ ଜୀବନ ଚଳଣୀରେ ଶ୍ରୀଜଗନ୍ନାଥ ସଂସ୍କୃତି କିପରି ଏକାକାର ହୋଇ ଜଡ଼ିତ ହୋଇଛି ତାହାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି।

ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ଅଗ୍ରପୂଜ୍ୟ ଦେବତା । ଓଡ଼ିଆମାନଙ୍କର ଆଚାର, ବିଚାର, ପର୍ବପର୍ବାଣୀ, ଯାନିଯାତ୍ରା, ଧର୍ମୀୟ ଭାବନା, ଢଗଢମାଳି, ପ୍ରବଚନ, ତନ୍ତ୍ରମନ୍ତ୍ର, ସାହିତ୍ୟ ସଂସ୍କୃତି, ଭଜନ ଜଣାଣ, ପୂଜା ଅର୍ଚ୍ଚନା ଆଦି ସବୁଥିରେ ତାଙ୍କର ଭୂମିକା ଦେଖିବାକୁ ମିଳିଥାଏ। ଶ୍ରୀଜଗନ୍ନାଥ ସବୁ ମଙ୍ଗଳ କାର୍ଯ୍ୟରେ ଆଦ୍ୟ ସ୍ମରଣୀୟ । ସେଥିପାଇଁ 'ସର୍ବମଙ୍ଗଳ ଜଗନ୍ନାଥ' ବୋଲି ଓଡ଼ିଆ-ମାନେ କହିଥାନ୍ତି । ବହୁକାଳରୁ ଓଡ଼ିଆମାନଙ୍କର ବାହାଘରରେ କୋଷ୍ଠି ପ୍ରଭୃତିରେ ମେଳ ହୋଇ ନଥିଲେ 'ସର୍ବମଙ୍ଗଳ ଜଗନ୍ନାଥ' ରୀତିରେ

ବାହାଘର କରାଇଥାନ୍ତି । କେବଳ ଏତିକି ନୁହେଁ ଓଡ଼ିଆ-ମାନଙ୍କର ବାହାଘର କାର୍ଯ୍ୟ ହେଉ ବା ଅନ୍ୟ କୌଣସି ମାଙ୍ଗଳିକ କାର୍ଯ୍ୟ ହେଉ ପ୍ରଥମେ ଜଗନ୍ନାଥଙ୍କୁ ନିମନ୍ତ୍ରଣ ହେଲା ପରେ ଅନ୍ୟମାନଙ୍କୁ ଗୁଆ ନିମନ୍ତ୍ରଣ ଦିଆଯାଇଥାଏ । ପୁଣି ଓଡ଼ିଆ ଲୋକ ସଂସ୍କୃତିରେ ଜଗନ୍ନାଥଙ୍କ ମହାପ୍ରସାଦ ଓ ନିର୍ମାଲ୍ୟ ପ୍ରମୁଖ ସ୍ଥାନ ଅଧିକାର କରିଥାଏ । ଓଡ଼ିଆ ଗୃହସ୍ଥ ଓ ଗୃହିଣୀ ସକାଳୁ ଚଉରା ପୂଜା କରିସାରିବା ପରେ ତା'ର କୋଥଳି ଫିଟାଇ ଶ୍ରୀଜଗନ୍ନାଥ ପଟି ଦର୍ଶନ କରି ନିର୍ମାଲ୍ୟ ପାଣି ପିଇଥାଏ । ସେହିପରି ନିର୍ମାଲ୍ୟ ବା ମହାପ୍ରସାଦ ଦେଇ ବନ୍ଧୁତା ସ୍ଥାପନ କରିବା ହେଉଛି ଓଡ଼ିଆ ସମାଜର ଏକ ବିଶିଷ୍ଟ ପରମ୍ପରା । ବିବାହ ପୂର୍ବରୁ ନିର୍ବନ୍ଧ କାର୍ଯ୍ୟରେ ବରକନ୍ୟା ପକ୍ଷରୁ ମହାପ୍ରସାଦ ଛୁଇଁ ସତ୍ୟବାକ୍ୟ ପାଠ କରି ବନ୍ଧୁତା ରୂପରେ ସ୍ୱୀକାର କରାଯାଏ । ଗ୍ରାମରେ ଯଦି କୌଣସି କଳହ ବା ବିବାଦ ଆଦିର ସମାଧାନ ସମାଧାନ କରାଯାଏ, ସେହି ସଭାରେ ମହାପ୍ରସାଦ ସ୍ଥାପନ କରାଯାଇ ବିଚାର କରାଯାଇଥାଏ । ଓଡ଼ିଆମାନଙ୍କର ବିଶ୍ୱାସ ଯେ ମହାପ୍ରସାଦ ଛୁଇଁ କେହି କେବେ ମିଛ କହି ପାରିବ ନାହିଁ । ଏହି ମହାପ୍ରସାଦ ହାତରେ ଧରାଇ ଗ୍ରାମରେ ଯେଉଁ ବିଚାର ବା ସତ୍ୟପାଠ କରାଯାଇଥାଏ ତାହାକୁ ନିର୍ବିଘ୍ନରେ ସମସ୍ତେ ଗ୍ରହଣ କରିବାର ଲୋକ ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି । ଓଡ଼ିଆ ଘରେ କୌଣସି ନବଜାତ ଶିଶୁ ଜନ୍ମ ହେଲେ ସାମାଜିକ ବିଧି ଅନୁଯାୟୀ ସପ୍ତମ ଦିବସରେ ଶ୍ରୀଜଗନ୍ନାଥଙ୍କ ନିର୍ମାଲ୍ୟ ପାଟିରେ ଦେଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥାଏ । ସେଇଭଳି ମୃତ୍ୟୁ ସମୟରେ ମଧ୍ୟ ନିର୍ମାଲ୍ୟ ପାଟିରେ ଦେଇ ତା'ର ମୁକ୍ତି କାମନା କରାଯିବାର ନଜିର୍ ପ୍ରତ୍ୟେକଟି ଓଡ଼ିଆ ପ୍ରତିଘରେ ଦେଖିବାକୁ ମିଳେ । ଭୂତ, ପ୍ରେତ, ହଇଜା, ମହାମାରୀ ବେମାରୀ ଆଦି ରୋଗର ପ୍ରାଦୁର୍ଭାବ ବଢ଼ିଲେ ମହାପ୍ରସାଦ ହେଉ କି ନିର୍ମାଲ୍ୟ ବା ଅଭଡ଼ା କୁଟୁଆ କି ରଥଦଉଡ଼ି ଖଣ୍ଡେ ହେଉ ଘରେ ବାନ୍ଧି ଦେଇ ଘରର ମଙ୍ଗଳ କାମନା ଓଡ଼ିଆ ଲୋକଟେ ହିଁ କରିଥାଏ। ଏହାଦ୍ୱାରା ଘରେ କୌଣସି ବିପଦ ପଡ଼ିନଥାଏ ଏବଂ କୌଣସି ସ୍ଥାନକୁ ଯାତ୍ରା କଲାବେଳେ ଦର୍ଶନ କଲେ ଶୁଭଫଳ ମିଳିଥାଏ ବୋଲି ଲୋକ ବିଶ୍ୱାସ ରହିଛି । ଆଜିକାଲି ବିବାହ, ବ୍ରତଘର, ଗୃହପ୍ରତିଷ୍ଠା, ଜନ୍ମଦିନ ଭୋଜି ଆଦି ପ୍ରତ୍ୟେକ ଶୁଭକର୍ମରେ ମହାପ୍ରସାଦ ଦେବାର ଚଳଣି ଓଡ଼ିଆ ପ୍ରତିଘରେ ଦେଖିବାକୁ ମିଳେ । ଭଗବାନ ଜଗନ୍ନାଥ ଯେପରି ସର୍ବବ୍ୟାପୀ ତାଙ୍କର ମହାପ୍ରସାଦ ମଧ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକଟି କାର୍ଯ୍ୟରେ ଓଡ଼ିଆ ସମାଜରେ ତା'ର ମୂଲ୍ୟ ସର୍ବାଗ୍ରେ ରହିଆସିଛି । ନିର୍ମାଲ୍ୟ କଣିକା ପ୍ରତ୍ୟେକ ଓଡ଼ିଆର ମହୋଷଧି । ଜୀବନର ଗତି ମୁକ୍ତି ଦାତା ହିଁ ନିର୍ମାଲ୍ୟ । "ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ଏହାର ମହାପ୍ରସାଦ ସେବନ ଫଳରେ ଶତ ଜନ୍ମର ପାପମୋଚନ ହୋଇ ଶତଜନ୍ମର ଧର୍ମ ଅର୍ଜନ ହୋଇଥାଏ ବୋଲି ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି, ଯାହାକି ଅନ୍ୟକୌଣସି ଭୋଗରେ ସେପରି ମହକ ନଥାଏ । ଏହାକୁ ସେବନ କରି ଭକ୍ତମାନେ ପରମ ଆନନ୍ଦ ଓ ତୃପ୍ତି ପାଇଥାନ୍ତି । ମହାପ୍ରସାଦରେ ପିଣ୍ଡ ଦାନ ଦେଲେ ଗୟାରେ ଶ୍ରାଦ୍ଧ ଦେବାର ସମତୁଲ୍ୟ ଅଟେ ଓ ପିତୃଲୋକେ ମୁକ୍ତି ପାଇଥାନ୍ତି । ସର୍ବୋପରି ଏହାର ସେବନ ମାନସିକତାରେ ଆତ୍ମବିଶ୍ୱାସ ଲାଭ ହେବା ସଙ୍ଗେ ସଙ୍ଗେ ଶରୀରରେ ସୃଷ୍ଟି ହୋଇଥାଏ ଅମୃତ ପରି ପବିତ୍ରତା ।" (ଉତ୍କଳ ପ୍ରସଙ୍ଗ – ଜୁଲାଇ, ୨୦୧୫, ପୃଷ୍ଠା-୫୪)

ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଶାର ଜନଜୀବନ ସହିତ ଏପରି ଓତଃପ୍ରୋତ ଭାବେ ଜଡ଼ିତ ଯେ ଏହାକୁ ଅଲଗା କରି ଓଡ଼ିଆ ଜାତିର ଅସ୍ମିତା ପରିକଳ୍ପନା କରିବା ଅସମ୍ଭବ। ସତେ ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ପରିପୂରକ। ସାଧାରଣ ଓଡ଼ିଶାର ଦୈନନ୍ଦିନ ଜୀବନରେ ଓ ପର୍ବପର୍ବାଣୀରେ ହେଉଥିବା ଖାଦ୍ୟ,ଶାଗ, ବଗଡ଼ା ଅନ୍ନ, କାନିକା, ଡାଲି, ଆମ୍ବିଳ, ପିଠାପଣା ଆଦି ଜଗନ୍ନାଥଙ୍କ ଅତିପ୍ରିୟ । ସବୁଠାରୁ କୌତୁହଳର ବିଷୟ ଯେ ରଥଯାତ୍ରା ସମୟରେ ମହାଲକ୍ଷ୍ମୀ ଡାଲୁଅ ଧାନ ଓ କଳମ୍ବ ଶାଗରୁ ପ୍ରସ୍ତୁତ ଖାଦ୍ୟ ଖାଇ ଜଗନ୍ନାଥଙ୍କ ପ୍ରତ୍ୟାଗମନକୁ ଅପେକ୍ଷା କରିଥାନ୍ତି । ଏପରିକି ଓଡ଼ିଆମାନେ ଯେଉଁ ବିଡ଼ିଆ ପାନ ପ୍ରତ୍ୟହ ଖାଇଥାନ୍ତି, ତାହାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ପ୍ରତିଦିନ ବଡ଼ସିଂହାର ବେଶ ହୋଇ ସାରିଲା ପରେ ଅର୍ପିତ କରାଯାଥାଏ । ନିଜେ ରାନ୍ଧି ଅନ୍ୟକୁ ପରଶିବାରେ ଏ ଜାତି ଆନନ୍ଦ ପାଇଥାଏ । ସେଥିପାଇଁ ତ ଶ୍ରୀ ଜଗନ୍ନାଥଙ୍କର ପହଡ଼ ଫିଟିବା ଠାରୁ ରାତି ବଡ଼ସିଂହାର ବେଶ ହେବା ପର୍ଯ୍ୟନ୍ତ ଛପନ ପଉଟି ଖାଦ୍ୟ ଦ୍ରବ୍ୟ ରନ୍ଧା ହୋଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥାଏ । ଏହାପରେ ଆନନ୍ଦ ବଜାରରେ ଭକ୍ତମାନଙ୍କ ମଧ୍ୟରେ ମହାପ୍ରସାଦକୁ ଏପରି ବାଣ୍ଟି ଦିଆଯାଇଥାଏ ଯେପରି କୌଣସି ଭକ୍ତ ସେଠାରେ ଉପବାସ ରହିନ ଥାଏ । ଏଥିପାଇଁ ଶ୍ରୀମନ୍ଦିରକୁ ପୃଥିବୀର ବୃହତ ରୋଷଶାଳା ବୋଲି କୁହାଯାଏ । ମହାଲକ୍ଷ୍ମୀ ସ୍ୱୟଂ ରୋଷେଇ କରି ଜଗନ୍ନାଥ ଓ ଭକ୍ତମାନଙ୍କ ମଧ୍ୟରେ ଖାଦ୍ୟ ପରଶି ଦେଉଥିବାରୁ ତାଙ୍କୁ ଅନ୍ନଦାତ୍ରୀ ଭାବରେ ଓଡ଼ିଆମାନେ ଗ୍ରହଣ କରନ୍ତି । ଯାହା ଓଡ଼ିଆ ଦାମ୍ପତ୍ୟ ଜୀବନରେ ମଧ୍ୟ ଗୃହଲକ୍ଷ୍ମୀ ପରି ଗୃହିଣୀଟି ରୋଷେଇ କରି ପରିବାରରେ ସମସ୍ତଙ୍କୁ ଖାଦ୍ୟ ପରଶି ଦେବା କଥା ନଜରକୁ ଆସେ ।

ଓଡ଼ିଶାର ସାଧାରଣ ମଣିଷ ପରି ଜଗନ୍ନାଥଙ୍କ ଦୈନନ୍ଦିନ କର୍ମବିଧି ହୋଇଥାଏ । ସକାଳୁ ଶ୍ରୀମନ୍ଦିରଦ୍ୱାର ଫିଟିବାଠାରୁ ରାତ୍ରର ଅର୍ଦ୍ଧ ପ୍ରହର ଯାଏଁ ସିଂହଦ୍ୱାର ବନ୍ଦ ହେବା ପର୍ଯ୍ୟନ୍ତ ବିଭିନ୍ନ ସେବାପୂଜା ଉପଚାର ବିଧି ପାଳନ ହୁଏ । ପ୍ରଥମେ ଦିଅଁମାନଙ୍କର ପୂର୍ବରାତ୍ରର ବଡ଼ସିଂହାର ବେଶ ଖୋଲି ଶ୍ୱେତବସ୍ତ୍ର, ସୂକ୍ଷ୍ମବସ୍ତ୍ର ଓ ଉତ୍ତରୀୟ ଦେଇ ଦାନ୍ତଘଷା, ଗାଧେଇବା,ପୋଛାପୋଛି କରି ଫୁଲ, ଚନ୍ଦନ, କର୍ପୂର ଲାଗି ପରେ ଓଡ଼ିଆ ତନ୍ତୀର ହସ୍ତ ନିର୍ମିତ ପଟ୍ଟବସ୍ତ୍ର ପରିଧାନ ପୂର୍ବକ ସର୍ବସାଧାରଣଙ୍କୁ ଦର୍ଶନ ଦିଅନ୍ତି । ଯାହା ଭାରତର ଅନ୍ୟ କୌଣସି ମନ୍ଦିରରେ ବିରଳ । ଓଡ଼ିଆ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବାରମାସରେ ତେର ପର୍ବ ଯେପରି ଭାବରେ ଅନୁଷ୍ଠିତ ହୁଏ ତାହା ଓଡ଼ିଶାର ପୁରପଲ୍ଲୀରେ ସର୍ବାଜନାଦୃତ। ବିଶେଷ କରି ଅକ୍ଷୟତୃତୀୟା, ଦେବସ୍ନାନ ପୂର୍ଣ୍ଣମା, ଶ୍ରୀଗୁଣ୍ଡିଚା ଯାତ୍ରା, ବଳଭଦ୍ର ଜନ୍ମ, ଜନ୍ମାଷ୍ଟମୀ, ମାର୍ଗଶିର ଗୁରୁବାର ପୂଜା, ବିମଳା ମନ୍ଦିର ଦେବୀପୂଜା, ଦୁର୍ଗାଉତ୍ସବ, ଦୋଳୋତ୍ସବ, ଚିତାଲାଗି ଅମାବାସ୍ୟା, ମାର୍ଗଶିର ମାସରେ ପୟାଶ୍ରାଦ୍ଧ ଦୀପଦାନ ଆଦି ଓଡ଼ିଶାର ପ୍ରତିଘରେ ଯେପରି ଖୁବ୍ ଆନନ୍ଦ

ଉଲ୍ଲାସରେ ପାଳନ କରାଯାଇଥାଏ ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ବ୍ୟାପକତା ସଂପର୍କରେ ଏଥିରୁ ସହଜରେ ଅନୁମେୟ କରିହୁଏ ।

ହିନ୍ଦୁମାନଙ୍କର କାର୍ତ୍ତିକ ମାସ ଅତି ପବିତ୍ର ମାସ । ସମଗ୍ର କାର୍ତ୍ତିକ ମାସରେ ହବିଷ୍ୟାନ୍ନ ଗ୍ରହଣ କରି ବିଷ୍ଣୁ ପୂଜା କଲେ ବୈକୁଣ୍ଠ ପ୍ରାପ୍ତି ଘଟେ ବୋଲି ଓଡ଼ିଆମାନଙ୍କର ଯେଉଁ ଲୋକ ବିଶ୍ୱାସ ରହିଛି ଏହାକୁ ପାଥେୟ କରି ବିଧବାମାନେ ଶ୍ରୀଜଗନ୍ନାଥଙ୍କୁ ସ୍ୱାମୀ ରୂପରେ ଗ୍ରହଣ କରି ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଯେଉଁମାନେ କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ଯାଇପାରନ୍ତି ନାହିଁ ସେମାନେ ମାସ ଯାକ ପ୍ରାତଃ ସ୍ନାନ କରି ତୁଳସୀ ଚଉରା ପାଖରେ ପଞ୍ଚବର୍ଣ୍ଣ ମୁରୁଜରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଅଙ୍କନ କରି ପୂଜାର୍ଚ୍ଚନା କରନ୍ତି । ଏହା ପ୍ରମାଣ କରିଦିଏ ଓଡ଼ିଆ ଜାତିର ଇଷ୍ଟଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ । ବାସ୍ତବିକ କାର୍ତ୍ତିକ ମାସକୁ ପ୍ରତ୍ୟେକଟି ଓଡ଼ିଆ ଧର୍ମମାସ ଭାବରେ ଗ୍ରହଣ କରି ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପଣ କରିଦେଇଥାନ୍ତି । ଶ୍ରୀଜଗନ୍ନାଥଙ୍କର ଉପାସନା ଓଡ଼ିଶାର ପୁରପଲ୍ଲୀରେ ଜନପ୍ରିୟ ହୋଇ ଉଠିଛି । ତେଣୁ ଓଡ଼ିଶାର ଧର୍ମ କହିଲେ ଶ୍ରୀଜଗନ୍ନାଥଙ୍କର ଉପାସନା ହିଁ ବୁଝାଏ । ଓଡ଼ିଆ ଜାତିର ଐତିହ୍ୟ, ପରଂପରା, ଧର୍ମ- ଦର୍ଶନ ଆଦି ପ୍ରତ୍ୟେକ ସ୍ତରରେ ଶ୍ରୀଜଗନ୍ନାଥ ସଂସ୍କୃତିର ମହିମା ଯୁଗେ ଯୁଗେ ଉଦଘୋଷିତ ହେଉଛି । ଜାତି- ବର୍ଣ୍ଣ -ଧର୍ମ ନିର୍ବିଶେଷରେ ଓଡ଼ିଆ ଜାତିର ରାଷ୍ଟ୍ର ଦେବତା- ଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା ଭାବରେ ପରିଚିତ । ମହାପ୍ରଭୁ ସର୍ବ ଦେବାଧିପତି ହେଲେ ମଧ ସେ ଓଡ଼ିଆ ଜାତିର ହେଉଛନ୍ତି ହୃଦୟାଧିପତି ।" (ଉତ୍କଳ ପ୍ରସଙ୍ଗ – ଜୁନ- ଜୁଲାଇ- ୨୦୧୮, ପୃଷ୍ଠା -୧୯୯) ଶ୍ରୀଜଗନ୍ନାଥ ସଂସ୍କୃତିରେ ସଂଘଟିତ ପ୍ରତ୍ୟେକ ପର୍ବପର୍ବାଣି ଓ ଯାନିଯାତ୍ରା ଓଡ଼ିଆଙ୍କ ଭିତରେ ସଂପ୍ରୀତି, ମାନବିକତା, ଗୋଷ୍ଠୀଗତ ଐକ୍ୟ ଓ ଆଧାତ୍ମିକ ଚେତନାକୁ ଏପରି ସୁଦୃଢ଼ କରିଛି ଯେ, ଗଣପର୍ବର ଗୌରବ ଓ ବିଶ୍ୱାତ୍ମବୋଧର ବୈଶିଷ୍ଟ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱସଂସ୍କୃତିରେ ରୂପାନ୍ତରିତ କରିବାରେ ସଫଳ ହୋଇପାରିଛି ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜଗନ୍ନାଥଙ୍କ ନାମର ଏକ ବୈଶିଷ୍ଟ୍ୟ ରହିଛି । ଓଡ଼ିଆମାନେ ଧାନକୁ ଲକ୍ଷ୍ମୀତୁଲ୍ୟ ମନେ କରି ଶସ୍ୟ ଅମଳ ବେଳେ ଗୌଣୀରେ ମାପ କଲାବେଳେ ପ୍ରଥମେ ଏକ ବୋଲି ଗଣନା ନ କରି ଜଗନ୍ନାଥ ବୋଲି ଉଚ୍ଚାରଣ କରିବା ଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ ପ୍ରକାଶ ପାଇଥାଏ । ସେହିପରି ପିତାମହ, ପ୍ରପିତାମହଙ୍କ ନାମ ଜଣା ନ ଥିଲେ ଶ୍ରାଦ୍ଧାଦି କର୍ମରେ ପିତାଙ୍କ ନାମ ପରିବର୍ତ୍ତେ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରିଥାନ୍ତି । ଏହା ପ୍ରତ୍ୟେକ ଓଡ଼ିଆଙ୍କ ପୂର୍ବପୁରୁଷ ଶ୍ରୀଜଗନ୍ନାଥଙ୍କ ବିବର୍ତ୍ତନ ଧାରାରେ ସୃଷ୍ଟି ବୋଲି ସୂଚେଇ ଦେଇଥାଏ । ଓଡ଼ିଆମାନେ ବିଶ୍ୱାସ କରନ୍ତି ଯେ ଶେଷ ନିଃଶ୍ୱାସ ତ୍ୟାଗ କଲାବେଳେ ଜଗନ୍ନାଥଙ୍କୁ ସ୍ମରଣ ନକଲେ ମୋକ୍ଷପ୍ରାପ୍ତି ହୁଏ ନାହିଁ ବୋଲି ତାଙ୍କ ପୁଅ ଝିଅମାନଙ୍କର ନାମ ଜଗନ୍ନାଥ, ଜଗା, କାଳିଆ, ମାଧବ ଆଦି ନାମକରଣ କରିଥାନ୍ତି,ଯାହାକି ମୃତ୍ୟୁ ସମୟରେ ପୁଅକୁ ଲୋଡ଼ିବା ମାଧ୍ୟମରେ ଜଗନ୍ନାଥଙ୍କୁ ଡାକିପାରିବେ । ଏପରି ଡାକିବାଦ୍ୱାରା ଜଗନ୍ନାଥଙ୍କ ପ୍ରତିଓଡ଼ିଆଙ୍କ ଆତ୍ମୀୟତା ପ୍ରତିଫଳିତ ହୋଇଥାଏ। ପୁନଶ୍ଚ ଓଡ଼ିଆ ଲୋକ କଥାରେ ରହିଛି ଯେ ମୃତ୍ୟୁ ପୂର୍ବରୁ ଜଗନ୍ନାଥଙ୍କ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୁଏ। ଯଦି ଦର୍ଶନ ପୂର୍ବରୁ ମୃତ୍ୟୁ ହୋଇଯାଏ ତାହେଲେ ଶବକୁ ସ୍ୱର୍ଗଦ୍ୱାରରେ ଦାହ କଲେ ସେମାନଙ୍କର ଅମର ଆତ୍ମା ସ୍ୱର୍ଗଧାମ ଯାତ୍ରା କରିପାରିବ ଏବଂ ଅନ୍ତେଷ୍ଟି କ୍ରିୟା ପରେ ବ୍ରାହ୍ମଣଙ୍କୁ ମହାପ୍ରସାଦି ସେବା କରାଇଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ଓଡ଼ିଆଙ୍କର ଦୃଢ଼ ବିଶ୍ୱାସ ରହିଛି । ବିଭିନ୍ନ ତୀର୍ଥରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରିବା ପରେ ଶେଷରେ ଶ୍ରୀମନ୍ଦିରର ବାଇଶି ପାହାଚରେ ପିଣ୍ଡଦାନ କରାଯାଏ । "ଓଡ଼ିଆ ଚେତନାରେ ବାଇଶି ପାହାଚ ହିଁ ପିତୃପୁରୁଷଙ୍କ ପରମ ନିବାସ ସ୍ଥଳୀ । ସେହିଠାରେ ରହି ସେମାନେ ଉତ୍ତର ପୁରୁଷଙ୍କ ପ୍ରତି ଅମୃତ ଦୃଷ୍ଟି ନିକ୍ଷେପ କରିଥାନ୍ତି । ଜନ୍ମ, ଜୀବନ କାଳ ଓ ମୃତ୍ୟୁରେ ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କର ଗତି, ମୁକ୍ତି, ଓ ଭୁକ୍ତିଦାତା ।" (ଉତ୍କଳ ପ୍ରସଙ୍ଗ – ଜୁନ୍,୨୦୧୪, ପୃଷ୍ଠା -୫)

"ଓଡ଼ିଆ ପରିବାରରେ ଜ୍ୟେଷ୍ଠ୍ୟର ଭୂମିକା ସର୍ବସ୍ୱୀକୃତ ଏବଂ ତା'ର ନେତୃତ୍ୱ ଓ ନିର୍ଦ୍ଦେଶକୁ ପରିବାରରେ ସମସ୍ତେ ପାଳନ କରିଥାନ୍ତି ।ଯାହା ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରୁ ଜଣାଯାଏ ଯେ ବିନା ଅନୁମତିରେ ମହାଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀ ଘରେ ପୂଜା ପାଇଥିବାରୁ ଦେଢ଼ଶୁର ବଳରାମ ଭାଇବୋହୂ ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ଦେଇନଥିଲେ । ମହାଲକ୍ଷ୍ମୀ ଏହା ପରେ ଜଗନ୍ନାଥଙ୍କ ପାଖରେ ଆଶ୍ରୟ ନେବାରୁ ଜ୍ୟେଷ୍ଠାଦେଶ ଲଙ୍ଘନ କରିବା ଅନୁଚିତ୍ ବୋଲି ବୁଝାଇଥିଲେ । ଏଥିପାଇଁ ମହାଲକ୍ଷ୍ମୀଙ୍କୁ ବଡମୂଲ୍ୟ ଦେବାକୁଯାଇ ଶ୍ରୀମନ୍ଦିର ପରିତ୍ୟାଗ କରିବାକୁ ପଡ଼ିଥିଲା । ସେହିପରି ଓଡ଼ିଆ ପରିବାରରେ ଛୋଟ ଭଉଣୀର ନିରାପତ୍ତା ଦାୟିତ୍ୱ ଭାଇମାନେ ବହନ କରନ୍ତି । ଯାହାର ପ୍ରତିଫଳନ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ଭଉଣୀ ସୁଭଦ୍ରାଙ୍କୁ ନେଇ ଶ୍ରୀଗୁଣ୍ଡିଚା ଯାତ୍ରା କରିଥିଲେ । କାରଣ ଦେଢ଼ଶୁର ସହ ଭାଇବୋହୂର ମୁଖାବଲୋକନ କରିବା ଅବିଧେୟ ।" (ମହାନ୍ତି, ଡକ୍ଟର ନିବେଦିତା – ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ- ପୃଷ୍ଠା -୪୮)

ଏହିପରି ଅନେକ ଓଡ଼ିଆ ସଂସ୍କୃତିର ଆଚାର,ବେଭାର ଚଳିଚଳଣି ରହିଛି ଯାହା ଜଗନ୍ନାଥଙ୍କ ସଂସ୍କୃତିରେ ଦେଖିବାକୁ ମିଳେ । ବିରହିଣୀ ଓଡ଼ିଆ ନାରୀ ସ୍ୱାମୀର ଅନୁପସ୍ଥିତିରେ ଯେପରି ଅଭିମାନ ପ୍ରଦର୍ଶନ କରିଥାଏ ସେହିପରି ମହାଲକ୍ଷ୍ମୀ ବାହୁଡ଼ା ଯାତ୍ରା ପରେ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କୁ ବିନା ବାଧାରେ ଶ୍ରୀମନ୍ଦିରକୁ ଛାଡ଼ି ଦେଇଥିବା ବେଳେ ଜଗନ୍ନାଥଙ୍କୁ ଆସିବାକୁ ଦେଇନଥିଲେ । ପରେ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କଲା ପରେ ଶ୍ରୀମନ୍ଦିର ଭିତରକୁ ଯିବାର ସୁଯୋଗ ପାଇଥିଲେ । ଓଡ଼ିଆ ପରିବାରରେ ପତି-ପତ୍ନୀଙ୍କ ମଧ୍ୟରେ ଥିବା ମାନ, ଅଭିମାନ, ରାଗରୁସା, ପ୍ରେମ, ମଧୁରତା, ନିବିଡ଼ତା ଆଦି ପ୍ରତିଫଳିତ ହୋଇଛି ଜଗନ୍ନାଥ ସଂସ୍କୃତିର ପ୍ରତିଟି ଜୀବନଚର୍ଯ୍ୟାରେ । ଜଗନ୍ନାଥ ହେଉଛନ୍ତି ଏକ ସାର୍ବଜନୀନ ଦେବତା । ପାରସ୍ପରିକ ସହାବସ୍ଥାନ, ସାମ୍ୟ ଓ ମୈତ୍ରୀଭାବ ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରମୁଖ ଆବେଦନ। ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ ତାର ଭକ୍ତ । ଯାହା ଜଗନ୍ନାଥଙ୍କ ରଥଯାତ୍ରାରେ ବିଶ୍ୱରର ବିଭିନ୍ନ ପ୍ରାନ୍ତରୁ ସବୁଧର୍ମ ଓ ଜାତିର ଲୋକ

ଉତ୍ସାହର ସହିତ ଭଗବାନଙ୍କ ଆଶିଷ ପାଇବାପାଇଁ ଧାଇଁ ଆସିଥାନ୍ତି । ଭକ୍ତ ସାଲବେଗ ହେଉ ବା ଦାସିଆ ବାଉରୀ ହେଉ ମନ୍ଦିର ବାହାରେ ରହି ଜଗନ୍ନାଥଙ୍କୁ ନଡ଼ିଆ ଯାଚିଥିଲେ ମଧ୍ୟ ଜଗନ୍ନାଥ ତାଙ୍କଠାରୁ ସ୍ୱହସ୍ତରେ ଗ୍ରହଣ କରି ପ୍ରମାଣ କରିଦେଇଛନ୍ତି ଯେ ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଦରବାରରେ ସମସ୍ତେ ସମାନ । ରଥଯାତ୍ରା ସମୟରେ ପୁରୀର ଗଜପତି ତଥା ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚଣ୍ଡାଳ ସଦୃଶ ହସ୍ତରେ ଛାଡ଼ୁ ଧରି ଛେରା ପହଁରା କରନ୍ତି । ପୃଥିବୀର ଅନ୍ୟ କୌଣସି ଧର୍ମରେ ଏହା ଦେଖିବାକୁ ମିଳେନାହିଁ । "ଜଗନ୍ନାଥ ଧର୍ମର ତାତ୍ତ୍ୱିକ ଓ ମୌଳିକ ଦର୍ଶନର ଏହିପରି ଭାବରେ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ, ପ୍ରକୃତ ମାନବ ଧର୍ମର ଦ୍ୟୋତକ ସ୍ୱରୂପ ଜଗନ୍ନାଥ ଧର୍ମ ଶତାବ୍ଦୀ ଶତାବ୍ଦୀ ଧରି ମାନବ ଜାତିକୁ ପ୍ରେରଣା ଦେଇ ଆସିଛି । ଜଗନ୍ନାଥ-ସଂସ୍କୃତି ଭାରତୀୟ ଜୀବନର ଜ୍ଞାନ, ଚିନ୍ତା,ମିଳନ ଓ ପ୍ରେମର ଅନ୍ୟତମ ମିଳନସ୍ଥଳ । ସ୍ନେହ,ପ୍ରେମ, ଅନୁରକ୍ତିର ମୂର୍ତ୍ତିମନ୍ତ ବିଗ୍ରହ ରୂପେ ଜଗନ୍ନାଥ ମହିମା ଆଜି ସାରା ବିଶ୍ୱରେ ପ୍ରକୀର୍ତ୍ତିତ ।" (ଶ୍ରୀଜଗନ୍ନାଥ ସଂସ୍କୃତି –ପୃଷ୍ଠା -୮୮)

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଶ୍ରୀଜଗନ୍ନାଥ କେବଳ କାଷ୍ଠନିର୍ମିତ ଦେବତା ନୁହଁନ୍ତି। ସେ ମାନବ ପରି ରକ୍ତମାଂସ ଅସ୍ଥିରେ ଗଢା ଜୀବନ୍ତ ବିଗ୍ରହ। ଭାରତବର୍ଷର କୌଣସି ଦେବଦେବୀ ବିଗ୍ରହଙ୍କ ପାଖରେ ଏଭଳି ଆରୋପଣ ପ୍ରକ୍ରିୟା ଦେଖିବାକୁ ମିଳେନାହିଁ । ଶ୍ରୀଜଗନ୍ନାଥଙ୍କୁ ଯୁଗେ ଯୁଗେ ରାଜରାଜେଶ୍ୱର ରୂପେ ପରିକଳ୍ପନା କରାଯାଇଥିଲେ ମଧ୍ୟ ତାଙ୍କ ଚଳଣିରେ ସାଧାରଣ ଓଡ଼ିଆ ଚିନ୍ତା ଚେତନା, ଧର୍ମଦର୍ଶନ, ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ନୃତ୍ୟ, ଚାଲିଚଳଣି, ଇତିହାସ, ରାଜନୀତି, ଧର୍ମକର୍ମ, ଆଚାର, ବିଶ୍ୱାସ ସବୁକିଛି ମାନବୀୟ ଜୀବନଚର୍ଯ୍ୟା ଜଗନ୍ନାଥ ସଂସ୍କୃତି ସହିତ କ୍ଷୀରନୀର ପରି ଏକାକାର ହୋଇଯାଇଛି । ବାସ୍ତବିକ୍ ଶ୍ରୀଜଗନ୍ନାଥ ବିନା ଓଡ଼ିଆ ତଥା ଓଡ଼ିଶାର ଅସ୍ତିତ୍ୱ ପରିକଳ୍ପନା ଏକ ଦୁରୁହ ବ୍ୟାପାର ବୋଲି କୁହାଯାଇପାରେ। ମୋଟ ଉପରେ କହିବାକୁ ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତି ସହିତ ଓଡ଼ିଶାର ଜନଜୀବନ ପରସ୍ପର ପରିପୂରକ ଭାବେ ଏପରି ଜଡ଼ିତ ଯେ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାରେ ସେ ହିଁ ହେଉଛନ୍ତି ପ୍ରମୁଖ ଆଧାର ।

**ସହାୟକ ଗ୍ରନ୍ଥ**


୧. ଶ୍ରୀଜଗନ୍ନାଥ ସଂସ୍କୃତି – ସମ୍ପାଦନା-ଓଡ଼ିଶା କଲଚରାଲ ଫୋରମ୍, ଭୁବନେଶ୍ୱର,ଗ୍ରନ୍ଥ ମନ୍ଦିର,କଟକ,ପୁନର୍ମୁଦ୍ରଣ-୨୦୧୬

୨. Behera, Dr. Subhakanta – Construction of an identity Discourse Oriya literature and Jagannath cult' (1866-1936), Munshiram Manoharlal, Publishers, 2002

୩. ପଟ୍ଟନାୟକ,ଜାନକୀ ବଲ୍ଲଭ -ନିର୍ବାଚିତ ପ୍ରବନ୍ଧ ସଙ୍କଳନ-ପ୍ରକାଶକ-ବିଦ୍ୟାପୁରୀ,କଟକ,ପ୍ରକାଶ କାଳ-୧୯୯୭

୪. ପଟ୍ଟନାୟକ, ଡକ୍ଟର ପ୍ରୀତି - ଓଡ଼ିଆ ସଂସ୍କୃତି ଓ ସାହିତ୍ୟରେ ତା'ର ପ୍ରତିଧ୍ୱନି, ପ୍ରକାଶକ-ଅଗ୍ରଦୂତ,ବାଙ୍କାବଜାର,କଟକ ପ୍ରଥମ ପ୍ରକାଶ-୨୦୧୭

୫. ଆଚାର୍ଯ୍ୟ, ଶ୍ରୀନିବାସ – ମହାପ୍ରସାଦର ମାହାତ୍ମ୍ୟ, ଉତ୍କଳ ପ୍ରସଙ୍ଗ – ଜୁଲାଇ,୨୦୧୫

୬. ବାରିକ, ଡ଼. ଗୋପାଳ ଚନ୍ଦ୍ର – ସେ ତ ଓଡ଼ିଆଙ୍କ ଠାକୁର : ଶ୍ରୀଜଗନ୍ନାଥ, ଉତ୍କଳ ପ୍ରସଙ୍ଗ - ଜୁନ- ଜୁଲାଇ, ୨୦୧୮।

୭. ମିଶ୍ର, ଅନ୍ତର୍ଯ୍ୟାମୀ – ଓଡ଼ିଆ ଜାତିର ପ୍ରାଣର ପ୍ରାଣ ଶ୍ରୀଜଗନ୍ନାଥ, ଉତ୍କଳ ପ୍ରସଙ୍ଗ,ଜୁନ,-୨୦୧୪

୮. ମହାନ୍ତି, ଡକ୍ଟର ନିବେଦିତା – ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ,ପ୍ରକାଶକ-କାବ୍ୟାଲୋକ, ଭୁବନେଶ୍ୱର,ପ୍ରଥମ ପ୍ରକାଶ-୨୦୧୬